**ଡଙ୍ଗା ଯୋଗାଣ ଦାବିରେ ରାସ୍ତାରୋକୋ**

ରାଜନଗର(ଡି.ଏନ୍.ଏ.): ରାଜନଗର ବ୍ଲକ ଅନ୍ତର୍ଗତ ବନ୍ଧପଡା ପଞ୍ଚାୟତର ଫିରିକିଦାଣ୍ଡି ଗାଁର ଲୋକେ ରବିବାର ଡଙ୍ଗା ଯୋଗାଣ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସହ ମଦନପୁର ଛକରେ ରାସ୍ତା ଅବରୋଧ କରିଥିଲେ। ବନ୍ୟାପାଣି ବଢୁଥିବାରୁ ରାସନ ସାମଗ୍ରୀ ପାଇଁ ଏହି ଗ୍ରାମର ପ୍ରାୟ ୫୦ ଜଣ ଲୋକେ ଶନିବାର ବୋଟ୍‌ରେ ମଦନପୁର ଛକକୁ ଆସିଥିଲେ। ସନ୍ଧ୍ୟାରେ ସେମାନଙ୍କୁ ନେବାକୁ ଥିବା ବୋଟ ପଳାଇ ଯାଇଥିଲା। ଫଳରେ ଘରକୁ ଫେରି ନ ପାରି ମଦନପୁର ଛକରେ ରାତି କାଟବାକୁ ବାଧ ହୋଇଥିଲେ। ସକାଳେ ଏନେଇ ସେମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମଦନପୁର ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

# ନୟାଗଡ଼ରେ ୭୧ ଗାଁ ଜଳବନ୍ଦୀ

ନୟାଗଡ ଅଫିସ/ଗଣିଆ/ଭାପୁର,୩୦।୮(ଡି.ଏନ.ଏ.)

- ୮ କି.ମି. ଡଙ୍ଗାରେ ଗଲେ ଗର୍ଭବତୀ
- ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- କାମରେ ଲାଗୁନି ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ର
- ମଣିପୁରକୁ ଡଙ୍ଗା ଯୋଗାଇବା ଦାବି

ପ୍ରଳୟଙ୍କରୀ ବନ୍ୟା ଯୋଗୁ ନୟାଗଡ଼ ଜିଲାର ୭୧ଟି ଗ୍ରାମ ଜଳବନ୍ଦୀରେ ରହିଛି। ଏଥିରେ ଗଣିଆ ବ୍ଲକର ୬୮ ଓ ଭାପୁର ବ୍ଲକ ଫତେଗଡ ପଞ୍ଚାୟତର ୩ ଗାଁ ରହିଛି। ଫଳରେ ଏସବୁ ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗଣିଆ ବ୍ଲକ ଛାମୁଣ୍ଡିଆରେ ସ୍ୱାସ୍ଥ୍ୟକେନ୍ଦ୍ର ଥାଇବି ଡାକ୍ତର ନ ଥିବାରୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳିସ୍ଥଳେ ରବିବାର ଭୋର ସମୟରେ ଗଣିଆ ବ୍ଲକ ବେଠିଆସାହିର ଜଣେ ଗର୍ଭବତୀ ପ୍ରସବ ବେଦନା ଅନୁଭବ କରିଥିଲେ ମଧ ଡଙ୍ଗା ନ ଥିବାରୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ସମ୍ଭବ ହୋଇ ନ ଥିଲା। ଛାମୁଣ୍ଡିଆ ପଞ୍ଚାୟତ ପିଇଓଙ୍କ ସହ ଯୋଗାଯୋଗ ପରେ ସେ ଡଙ୍ଗା ପଠାଇଥିଲେ। ମହିଳାଙ୍କୁ ଡଙ୍ଗାରେ ୮ କି.ମି. ଓ ବନ ବିଭାଗର ଗାଡିରେ ୫ କି.ମି. ନେବା ପରେ ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ନ ଥିବାରୁ ଗଣିଆ ନେବାକୁ ଦମକଳ କେନ୍ଦ୍ର କର୍ମଚାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ଅପରାହ୍ନରେ ଦମକଳକେନ୍ଦ୍ର କର୍ମଚାରୀ ପହଞ୍ଚିବା ବେଳକୁ ମହିଳା ଏକ ଶିଶୁକନ୍ୟା ଜନ୍ମ ଦେଇ ସାରିଥିଲେ। ପରେ ବନ୍ୟା କାର୍ଯ୍ୟରେ ନିୟୋଜିତ ଥିବା ଝାରସୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସନ୍ଧ୍ୟାରେ ନବଜାତ ଶିଶୁକନ୍ୟା ଓ ତାଙ୍କ ମା'ଙ୍କୁ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗର୍ଭବେଦନା ଭୋଗୁଥିବା ମହିଳା ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନ ପାରି ଛାମୁଣ୍ଡିଆରେ କନ୍ୟାସନ୍ତାନ ଜନ୍ମଦେବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସ୍ୱାସ୍ଥ୍ୟସେବା ସମସ୍ୟାକୁ ଏଡାଇବାକୁ ହେଲେ ଛାମୁଣ୍ଡିଆରେ ଡାକ୍ତର ନିଯୁକ୍ତି ଓ ମଣିପୁରରେ ଆଉ ଏକ ଡଙ୍ଗା ପକାଇବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ସେହିପରି ଜଳବନ୍ଦୀରେ ଥିବା ଅନେକ ଗ୍ରାମବାସୀଙ୍କ ନିକଟରେ ରିଲିଫ୍ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଏନେଇ ରୋଗୀଙ୍କ ଜଣେ ସମ୍ପର୍କୀୟ କହିଛନ୍ତି, ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଫାର୍ମାସିଷ୍ଟ ଥିଲେ, ଯିଏକି ପ୍ରାଥମିକ ସେବା ଦେଇ ଗଣିଆକୁ ଯିବାକୁ ପରାମର୍ଶ ଦେଇଥିଲେ। ଏଠାରେ ଅନ୍ୟ କେହି ଉପସ୍ଥିତ ନ ଥିଲେ। ଅନ୍ୟପକ୍ଷେ ପଞ୍ଚାୟତରେ କେବଳ ପିଇଓଙ୍କୁ ଛାଡିଦେଲେ ଅନ୍ୟ କେହି ନାହାନ୍ତି। ଆମ ଛାମୁଣ୍ଡିଆ ପଞ୍ଚାୟତକୁ ଭଗବାନ ଭରସା। ଡଙ୍ଗା ନାହିଁ, ରିଲିଫ୍ ନାହିଁ ଓ ସ୍ୱାସ୍ଥ୍ୟସେବା ମଧ ବିପର୍ଯ୍ୟସ୍ତ। ବନ୍ୟାକୁ ଆଖି ଆଗରେ ରଖି ଅସ୍ଥାୟୀ ଡାକ୍ତର ବି ପ୍ରଶାସନ ନିୟୋଜିତ କଲେ ନାହିଁ। କୌଣସି ପ୍ରଶାସନିକ ଅଧିକାରୀ ଆମ ଗାଁକୁ ଆସୁନାହାନ୍ତି। ଅପରପକ୍ଷେ ଭାପୁର ବ୍ଲକ ଫତେଗଡ ପଞ୍ଚାୟତର ମଣିପୁର, ମାଣିତ୍ରୀ, କରବର ଆଦି ୩ ଗାଁ ଜଳବନ୍ଦୀ ରହିଛି। ହେଲେ ଏଠାର ଲୋକଙ୍କ ପାଇଁ ଥିବା ବୋଟ୍ ଫତେଗଡରେ ରହୁଛି। ରାତିରେ କିଛି ଅସୁବିଧାହେଲେ ରୋଗୀ ଓ ଅନ୍ୟମାନେ ହଟହଟା ହେଉଛନ୍ତି। ଏଣୁ ମଣିପୁରରେ ଏକ ଡଙ୍ଗା ରଖିବାକୁ ସ୍ଥାନୀୟ ଅଞ୍ଚଳ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୀତାଞ୍ଜଳି ବିଶ୍ୱାଳ କୁହନ୍ତି, ଛାମୁଣ୍ଡିଆ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସମସ୍ୟା ସୁଧାରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ଶନିବାର ଭାପୁର ଓ ରବିବାର ଗଣିଆ ବ୍ଲକ ଅଞ୍ଚଳର ବନ୍ୟା ସ୍ଥିତି ସମ୍ପର୍କରେ ମୁଁ, ଅତିରିକ୍ତ ଜିଲାପାଳ ଓ ପିଡି ଡିଆରଡିଏ ଯାଇ ଅନୁଧ୍ୟାନ କରିଛୁ। ସରକାରଙ୍କ ପକ୍ଷରୁ ରିଲିଫ୍ ଆସିନି। କେବଳ ଉଭୟ ବ୍ଲକ ପକ୍ଷରୁ କିଛି କିଛି ରିଲିଫ୍ ଦିଆଯାଇଛି। ଜିଲାପାଳ ଶନିବାର ଗଣିଆ ଅଞ୍ଚଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପରିସ୍ଥିତିକୁ ଦେଖି ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

ସୂଚନା ଅନୁସାରେ, ବରମୂଳଠାରେ ଥିବା ହୀରାକୁଦ ନଦୀବନ୍ଧର ଗେଜମିଟରରେ ଶନିବାର ସନ୍ଧ୍ୟା ସୁଦ୍ଧା ୩୯ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ଏଠାରେ ୪୦ ଫୁଟ ବନ୍ୟାଜଳ ପ୍ରବାହିତ ହେଲେ ଗଣିଆ ବ୍ଲକର ବିଭିନ୍ନ ଗାଁରେ ପାଣି ପଶିବ। ତେବେ ବରମୂଳ କୁତୁରୀ, ରାସଙ୍ଗ କାଦୁଆ, କଳାପାଟ ବୃଙ୍ଗ, ବେଣ୍ଟପଡା ଛାମୁଣ୍ଡିଆ, ମୁଦୁଲିଗାଡିଆ ବଡ଼ମୂଳ ରାସ୍ତାରେ ୫ରୁ ସାଢ଼େ ୭ଫୁଟ ପାଣି ଚାଲିଥିବାରୁ ଛାମୁଣ୍ଡିଆ, ବଡସିଲିଙ୍ଗା, ରାସଙ୍ଗ, ବେଲପଡା, କିଶୋରପ୍ରସାଦ ପଞ୍ଚାୟତର ୬୮ଟି ଗାଁ ପାଣି ଘେର ମଧ୍ୟରେ ରହିଛି।


ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତ ବେଠିଆ ସାହିର ଗର୍ଭବତୀଙ୍କୁ ଡଙ୍ଗାରେ ନିଆଯାଉଛି।

## ନାବାଳିକାଙ୍କୁ ଗଣବଳାତ୍କାର: ୬ ଗିରଫ


ଗିରଫ ଅଭିଯୁକ୍ତମାନେ।

**ପୀଡ଼ିତା ୭ ମାସର ଗର୍ଭବତୀ**

ଗୁଣପୁର,୩୦।୮(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁର ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଥିଲା। ପୀଡିତାଙ୍କ ବାପା ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୪୭/୨୦ ନଂ. ରେ ଏକ ମାମଲା ରୁଜୁକରି ଶୁକ୍ରବାର ୬ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ୬ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ସେମାନେ ହେଲେ ପଣସଗୁଡ଼ା ଗ୍ରାମର ନାଗଦେବ ଶବର, ରଘୁ ଶବର, ମନୋଜ ଶବର, ଗୁଏନ୍‌ସି ଶବର, ଲଣ୍ଡା ଶବର ଏବଂ ବନ୍ଧଗୁଡ଼ା ଗ୍ରାମର ମାଝି ଶବର। ସୂଚନାଯୋଗ୍ୟ, ରାମନାଗୁଡ଼ା ବ୍ଲକ୍ ଅଞ୍ଚଳର ନାବାଳିକା ଜଣଙ୍କ ୮ ମାସ ତଳେ ଗାଁ ନିକଟ ଏକ ଝରଣାକୁ ଗାଧୋଇବାକୁ ଯାଇଥିଲେ। ଏକୁଟିଆ ପାଇ ଅଭିଯୁକ୍ତମାନେ ତାଙ୍କୁ ଗଣ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ ନ ଜଣାଇବା ପାଇଁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ପରେ ଝିଅର ଶାରୀରିକ ପରିବର୍ତ୍ତନ ଦେଖି ବାପା ଆଶାକର୍ମୀଙ୍କ ନିକଟକୁ ନେଇଥିଲେ। ନାବାଳିକା ଜଣକ ୭ମାସର ଗର୍ଭବତୀ ଥିବା ଜଣାପଡ଼ିବା ପରେ ବାପା ଥାନାରେ ଏତଲା ଦେଇଥିଲେ।

## ଟିଣରେ କଟିଗଲା ବେକ, ବାଳକ ମୃତ

ପାଲଲହଡ଼ା, ୩୦।୮(ଡି.ଏନ.ଏ.)

ଖେଳୁଥିବାବେଳେ ଏକ ଟିଣ ଛପରରେ ବେକ କଟି ଅନୁଗୋଳ ଜିଲା ପାଲଲହଡ଼ା ଥାନା ପଟ୍ଟାମୁଣ୍ଡ ଗ୍ରାମର ଜଣେ ବାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଫୁଲ୍ଲ ପରିହାଳଙ୍କ ପୁଅ ବିଭୂ ପରିହାଳ (୧୧)। ଘଟଣାରୁ ଜଣାପଡିଛି, ବିଭୂ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ସେଠାରେ ଥିବା ଏକ କୁକୁଡା କୋଠିରେ ଲାଗିଥିବା ଟିଣ ତାଙ୍କ ବେକରେ ବାଜି ଯାଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ବିଭୂଙ୍କୁ ମୃତ ଘୋଷଣା କରିଥିଲେ। ପାଲଲହଡ଼ା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାରା ଆଥଲେଟ୍‌ଙ୍କ ପରଲୋକ



କେନ୍ଦ୍ରାପଡ଼ା ଅଫିସ, ୩୦।୮: କେନ୍ଦ୍ରାପଡା ସହରର ମାଧପୁରସ୍ଥିତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାରା ଆଥଲେଟ୍ ସୁକାନ୍ତ ଚୌଧୁରୀଙ୍କ ଶନିବାର ସନ୍ଧ୍ୟାରେ ହୃଦଘାତ୍‌ରେ ପରଲୋକ ଘଟିଛି। ତାଙ୍କୁ ୬୬ ବର୍ଷ ହୋଇଥିଲା। ଚୌଧୁରୀ ଜାତୀୟ ଓ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଥିଲେ। ୧୯୮୧ରେ ସେ ତତ୍କାଳୀନ ରାଷ୍ଟ୍ରପତି ନୀଲମ ସଞ୍ଜୀବ ରେଡ୍ଡିଙ୍କଠାରୁ ପୁରସ୍କୃତ ହୋଇଥିଲେ। ୧୯୯୩ ଏପ୍ରିଲ ୧ରେ ପଶ୍ଚିମବଙ୍ଗ ଏବଂ ଓଡିଶାର ରାଜ୍ୟପାଳ ଡ. ନୁରୁଲ ହୋସେନଙ୍କଠାରୁ ଭାରତୀୟ ରେଡକ୍ରସ ସମ୍ମାନ ଗ୍ରହଣ କରିଥିଲେ। ୨୦୧୩ରେ ପୁନର୍ବାସ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହାଛଡ଼ା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିଲେ। ତାଙ୍କ ବିୟୋଗରେ ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଅତନୁସବ୍ୟସାଚୀ ନାୟକ, ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ ଓ ପୂର୍ବତନ ନଗରପାଳ ଧୀରେନ ସାହୁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ଜଳିଗଲା ପିକ୍‌ଅପ୍ ଭ୍ୟାନ

ବରଗଡ଼ ଅଫିସ୍,୩୦।୮: ବରଗଡ଼-ସୋହେଲା ରାସ୍ତାର ପଥର୍ଲା ଛକ ନିକଟରେ ରବିବାର ଅପରାହ୍ନ ପ୍ରାୟ ୩ଟା ୧୫ମିନିଟ୍‌ରେ ଏକ ଚଳନ୍ତା ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି୧୭ଏ/୧୧୩୮) ନିଆଁ ଲାଗି ଜଳିଯାଇଛି। ନିଆଁ ଲାଗିଥିବା ଜାଣିପାରି ଡ୍ରାଇଭର ଗାଡ଼ି ଅଟକାଇ ଓହ୍ଲାଇ ପଡ଼ିବାରୁ ସେ ସୌଭାଗ୍ୟକ୍ରମେ ଏହି ଦୁର୍ଘଟଣାରୁ ରକ୍ଷା ପାଇ ଯାଇଛନ୍ତି। ଅନ୍ୟପଟେ ପିକ୍‌ଅପ୍ ଭ୍ୟାନଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଇଞ୍ଜିନରୁ ପ୍ରଥମେ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ବରଗଡ଼ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ବନ୍ୟା କାର୍ଯ୍ୟରେ ନିଜକୁ ନିୟୋଜିତ କର

**ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମୀରଙ୍କ ଆହ୍ୱାନ**

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିରେ ରାଜ୍ୟବାସୀଙ୍କୁ ସର୍ତ୍ତକତା ଅବଲମ୍ବନ କରିବା ନିହାତି ଆବଶ୍ୟକ। ଏହି ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ବନ୍ୟା ଆଶ୍ରୟସ୍ଥଳ କିମ୍ବା ଉଚ୍ଚା ସ୍ଥାନରେ ଆଶ୍ରୟ ନେବାକୁ ଜନସାଧାରଣଙ୍କୁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ନିବେଦନ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ରବିବାର ସମୀର କହିଛନ୍ତି, ଚଳିତ ବନ୍ୟାରେ ରାଜ୍ୟର ଅନେକ ସ୍ଥାନରେ ଘାଇ ହୋଇଛି, ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏହାଦ୍ୱାରା ଅନେକ ଧନଜୀବନ କ୍ଷତି ହୋଇଛି। ବିଶେଷ କରି ତଳିଆ ଅଞ୍ଚଳରେ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ପ୍ରଶାସନ ଏଯାବତ୍ ପହଞ୍ଚି ନ ଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହେଉଛି। ଏଭଳି ସମୟରେ ପ୍ରଶାସନ ପହଞ୍ଚି ନ ଥିବା ସ୍ଥାନରେ ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ବନ୍ୟା ପ୍ରପୀଡିତ ଲୋକଙ୍କୁ ଶୁଖିଲା ଖାଦ୍ୟ, ପାଣି, ଔଷଧ ଆଦି ଯୋଗାଇବାରେ ନିଜକୁ ନିୟୋଜିତ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ସମୀର ଆହ୍ୱାନ ଦେଇଛନ୍ତି।

# ଶ୍ରୀମନ୍ଦିରରେ ମାରା ହେଲା ଭୋଗ

ପୁରୀ ଅଫିସ, ୩୦।୮

- ପୋତାଗଲା ୩୦ ହାଣ୍ଡିରୁ ଊର୍ଦ୍ଧ୍ୱ ଅମୁଣିଆ ମହାପ୍ରସାଦ
- ବିଳମ୍ବ ଯୋଗୁ ହୋଇପାରିଲାନି ରାତ୍ର ପହୁଡ଼
- ରିପୋର୍ଟ ମାଗିଲେ ନୀତି ପ୍ରଶାସକ



ଦୀର୍ଘଦିନ ପରେ ଶ୍ରୀମନ୍ଦିରରେ ଭୋଗ ମାରା ହୋଇଛି। ଜଣେ ସେବାୟତଙ୍କ ପାଇଁ ଶନିବାର ରାତିରେ ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ମହାପ୍ରଭୁଙ୍କ ନୀତିକାନ୍ତି ବିଳମ୍ବ ହୋଇଥିଲା। ଫଳରେ ଠାକୁରଙ୍କ ରାତ୍ରପହୁଡ଼ ହୋଇପାରି ନ ଥିଲା। ସେହିପରି ଭୋଗ ମାରା ହେବାରୁ ଅମୁଣିଆ ମହାପ୍ରସାଦକୁ ପୋତି ଦିଆଯାଇଛି। ମହାସ୍ନାନ ପୂଜା ପରେ ପୁଣି ଥରେ ସନ୍ଧ୍ୟାଧୂପ ପୂଜା ବସିବା ସହ ଅନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଛି। ତେବେ କେଉଁ ପରିସ୍ଥିତିରେ ଏବଂ କାହିଁକି ଏପରି ହେଲା ସେ ନେଇ କମାଣ୍ଡରଙ୍କୁ ନୀତି ପ୍ରଶାସକ ରିପୋର୍ଟ ମାଗିଛନ୍ତି।

ଶନିବାର ଶ୍ରୀମନ୍ଦିରରେ ଏକାଧିକ ସ୍ୱତନ୍ତ୍ର ନୀତି ଅର୍ଥାତ୍ ସୁନିଆ, ବାମନ ଜନ୍ମ, ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ, ପବିତ୍ରା ଲାଗି ଓ ଇନ୍ଦ୍ରଧ୍ୱଜା ପୂଜା ରହିଥିଲା। ତେଣୁ ସକାଳୁ କିପରି ଠାକୁରଙ୍କ ନୀତିକାନ୍ତି ନିର୍ଘଣ୍ଟ ସମୟରେ ଚାଲିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବର୍ତ୍ତମାନ ମଧ ମନ୍ଦିରକୁ ଭକ୍ତଙ୍କୁ ଛଡ଼ାଯାଉ ନ ଥିବାରୁ କେବଳ ଠାକୁରଙ୍କ ନୀତିକାନ୍ତି ଚାଲିଛି। ରାତି ପ୍ରାୟ ୧୦ଟା ୫୦ରେ ସନ୍ଧ୍ୟାଧୂପ ପୂଜା ବସିଥିବାବେଳେ ବ୍ୟତିକ୍ରମ ଘଟିଲା। ଭିତର ପୋଖରିଆରେ ସନ୍ଧ୍ୟାଧୂପ ପୂଜା ପାଇଁ ଟେରା ପଡ଼ିବା ସହ କଳାହାଟ ଦ୍ୱାର ବନ୍ଦ କରାଯାଇଥିଲା। ଏହା ପରେ କୌଣସି ଅମୁଣିଆ ମହାପ୍ରସାଦ ଆଉ ଭିତରକୁ ଯିବା କଥା ନୁହେଁ। ମାତ୍ର ଜଣେ ସୁଆର ସେବକ ଦ୍ୱାର ଖୋଲି ଛେକ (ତାଙ୍କ ଅମୁଣିଆ ପ୍ରସାଦ) ରଖିଥିଲେ। ଫଳରେ ଭୋଗ ମାରା ହୋଇଯାଇଥିଲା। ଏହାପରେ ସେହିଠାରେ ହିଁ ସନ୍ଧ୍ୟାଧୂପ ପୂଜା ବନ୍ଦ କରାଯାଇଥିଲା। ପ୍ରାୟ ୩୦ ହାଣ୍ଡିରୁ ଊର୍ଦ୍ଧ୍ୱ ଅମୁଣିଆ ମହାପ୍ରସାଦ ମାରା ହୋଇଯିବାରୁ ନିର୍ମାଲ୍ୟ ଖଳାରେ ପୋତାଯାଇଥିଲା। ଏହାପରେ ମହାସ୍ନାନ ପୂଜା ଶେଷ ହୋଇ ପୁଣି ଥରେ ସନ୍ଧ୍ୟାଧୂପ ପୂଜା ବସିଥିଲା। ପରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ତେବେ ଏହି ବିଳମ୍ବ ଯୋଗୁ ମହାପ୍ରଭୁ ରାତିରେ ଶୋଇ ନ ଥିଲେ। ଅର୍ଥାତ୍ ଶ୍ରୀମନ୍ଦିରରେ ଶନିବାର ରାତ୍ର ପହୁଡ଼ ହୋଇ ନ ଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରେ କହିଛନ୍ତି, ଭୋଗ ମାରା ହେବାରୁ ଅମୁଣିଆ ମହାପ୍ରସାଦ ପୋତାଯାଇଛି। ତେବେ ଏଥିପାଇଁ କମାଣ୍ଡରଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଥାନା ହାଜତରେ ଅଭିଯୁକ୍ତଙ୍କ ଆତ୍ମହତ୍ୟା

### ଖବରଦାତା ସମ୍ମିଳନୀରେ ସୂଚନା ଦେଲେ ଏସ୍‌ଡିପିଓ

ଜୟପୁର, ୩୦।୮(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସଦର ଥାନା ହାଜତରେ ଜଣେ ଅଭିଯୁକ୍ତ ରବିବାର ଭୋରରୁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାଜସ୍ଥାନ ରାଜ୍ୟ ନାଗୋର ଜିଲା ମାଲିୟଙ୍କା ଗ୍ରାମର ଗୋପାଳ ରାମ ପାଶ୍ୱାନ (୪୪)। ଶନିବାର ବିଳମ୍ବିତ ରାତିରେ ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ଗୋପାଳଙ୍କୁ ଗିରଫ କରି ଥାନାରେ ରଖିଥିଲା ବୋଲି ଜୟପୁର ଏସ୍‌ଡିପିଓ ବରୁଣ ଗୁଣ୍ଟପାଲ୍ଲୀ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଜୁଡିସିଆଲ ତଦନ୍ତ କରିବା ନେଇ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ ପୋଲିସ ପାଟ୍ରୋଲିଂବେଳେ ଉମୁରି ନିକଟରେ ଏକ ଟ୍ରକ (ଆରଜେ-୨୧ଜିଏ ୩୯୫୯) ଦେଖି ଅଟକାଇ ଥିଲା। ଡ୍ରାଇଭର କିନ୍ତୁ ଫେରାର ହୋଇଯାଇଥିଲେ। ଟ୍ରକ୍ ଯାଞ୍ଚ କରି ପୋଲିସ ସେଥିରୁ ଗଞ୍ଜେଇ ଓ ଗୋପାଳ ରାମଙ୍କ ଆଧାରକାର୍ଡ ପାଇଥିଲା। ଏହାପରେ ପୋଲିସ ଖୋଜାଖୋଜି କରି ରାତି ପ୍ରାୟ ୨ଟାରେ ଡ୍ରାଇଭର ଗୋପାଳଙ୍କୁ ଗିରଫ କରି ଥାନା ହାଜତରେ ରଖିଥିଲା। ରବିବାର ଭୋରରୁ ଗୋପାଳ ବାଥ୍‌ରୁମ୍ ଯିବାକୁ କହିଥିଲେ। ତାଙ୍କୁ ବାଥ୍‌ରୁମ୍‌କୁ ନିଆଯାଇଥିଲା। ବାଥ୍‌ରୁମ ଭିତରେ ଏକ ଚାଦର ସାହାଯ୍ୟରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଦୀର୍ଘ ସମୟ ଧରି ଗୋପାଳ ନ ଆସିବାରୁ କର୍ମଚାରୀମାନେ ବାଥ୍‌ରୁମ୍ କବାଟ ଭାଙ୍ଗିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଗୋପାଳଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳୁ ଜୟପୁର ଏସ୍‌ଡିପିଓ, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏନ୍‌ଏଚ୍‌ଆର୍‌ସିର ନିୟମ ଅନୁଯାୟୀ ତଦନ୍ତ କରାଯିବ ବୋଲି ଜୟପୁର ଏସ୍‌ଡିପିଓ ସୂଚନା ଦେଇଛନ୍ତି। ପରିବାର ଲୋକ ରାଜସ୍ଥାନରୁ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଏବେ ୨୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଗୋପାଳ ଟ୍ରକରେ ୮କୁଇଣ୍ଟାଲ ୫କେଜି ଗଞ୍ଜେଇ ନେଇ ପାଡୁଆରୁ ରାଜସ୍ଥାନ ଯାଉଥିଲେ, ଯାହାର ଆନୁମାନିକ ମୂଲ୍ୟ ୪୫ ଲକ୍ଷ ହେବ। ଏନେଇ ୧୬୦/୨୦ରେ ମାମଲା ରୁଜୁ ହୋଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

Indus Infra Network Company
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

OFFICE OF THE NOTIFIED AREA COUNCIL, JUNAGARH
Phone No.: 06672-243247, E-mail Id: nacjunagarh@gmail.com
No. 1307/NAC(J) Date: 29.08.2020
QUOTATION CALL NOTICE
Quotation in sealed covers in plain paper are invited from different Cloth Merchants/Agencies for supply of required materials to Junagarh NAC for the year 2020-21. The quotation along with GSTN will be received upto 3.00 P.M. on Dtd.07.09.2020 in specified tender box kept at NAC Office, Junagarh and the same will be opened at 3.30 P.M. in NAC Office, Junagarh in the same day in presence of the quotationer or their authorized representative who wish to remain present. The rate should be quoted inclusive all taxes. No quotation will be entertained beyond the period specified. The authority reserves the rights to reject any or all quotation without assigning any reason thereto. The details can also be viewed from the website of NAC, Junagarh www.junagarhnac.in.
Sd./- Executive Officer, NAC, Junagarh

ODISHA STATE BEVERAGES CORPORATION LIMITED
(A GOVERNMENT OF ODISHA UNDERTAKING)
BHUBANESWAR-751023 (ODISHA)
CIN:U51228OR2000SGC006372
Tel: 0674-2303972(O), Email: osbcltd@gmail.com
NOTICE INVITING TENDER FOR SELECTION OF LOADING & UNLOADING CONTRACTOR
No.CAD-419:- Sealed tenders in the prescribed format are invited by the Odisha State Beverages Corporation Ltd., Bhubaneswar from the intending registered contractors for loading & unloading work of alcoholic beverages stock in the OSBC Ltd. depot at Khurda for a period of one year.
Tender documents can be downloaded from the website of OSBC Ltd. w.e.f. 31.08.2020 and the same may be submitted by 1.00 P.M. of dt.25.09.2020 through Regd. Post/Speed Post only along with the cost of tender paper Rs.5,000+GST Rs.900/- i.e. @18% (CGST 9%+SGST 9%) and EMD amounting to Rs.2.00 lakhs (Rupees Two lakhs only) in shape of Demand Draft drawn in favour of Odisha State Beverages Corporation Ltd. payable at Bhubaneswar.
Details of tender may please be seen in the Official Website of the Corporation i.e. http://osbc.co.in
Sd./- General Manager (Admin.)
OIPR-36003/11/0004/2021

## ସଂକ୍ଷେପରେ

### କନ୍ଧମାଳରେ ୬୦ ପଜିଟିଭ୍ ଚିହ୍ନଟ

#### ମୋଟ ସଂଖ୍ୟା ୨୧୮୬

ଫୁଲବାଣୀ ଅଫିସ, ୩୦।୮- କନ୍ଧମାଳ ଜିଲାରେ ରବିବାର ୬୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୧୮୬ରେ ପହଞ୍ଚିଛି। ନୂଆ ଚିହ୍ନଟଙ୍କ ମଧ୍ୟରେ ୨୦ ମହିଳା ଓ ୪୦ ପୁରୁଷ ରହିଛନ୍ତି। ଫୁଲବାଣୀରୁ ୧, ଜି.ଉଦୟଗିରିରୁ ୮, ଦାରିଙ୍ଗବାଡିରୁ ୧୯, କେ.ନୂଆଗାଁରୁ ୨, ଚକାପାଦରୁ ୭, କୋଟଗଡ ୧, ତୁମୁଡିବନ୍ଧରୁ ୧୧, ରାଇକିଆ ୧, ବାଲିଗୁଡାରୁ ୧, ଫିରିଙ୍ଗିଆରୁ ୩, ଖଜୁରିପଡାରୁ ୩ ଓ ୩ ଜଣ ଅନ୍ୟସ୍ଥାନର ଅଛନ୍ତି।

### ୪ ଟ୍ରକ, ୨ ପୋକ୍ଲିନ୍ ଜବତ: ୯ ଗିରଫ

ବୁଗୁଡ଼ା,୩୦।୮(ଡି.ଏନ୍.ଏ)-ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ବଙ୍କା ବାଲିଘାଟ ଓ ମଙ୍ଗଳପୁର ଡିପୋରୁ ବେଆଇନ ବାଲି ଚାଲାଣ ଅଭିଯୋଗରେ ଶନିବାର ବାଲିପଦର ଫାଣ୍ଡି ଅଧିକାରୀ ନିରଞ୍ଜନ ଦାଶ ୪ ଟ୍ରକ ସହ ୨ ପୋକ୍ଲିନ୍ ମେଶିନ ଜବତ କରିବା ସହ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସେମାନେ ହେଲେ ସୋରଡ଼ାର ଲବ ବେହେରା, ବୁଗୁଡ଼ା ପଙ୍କଲବାଡ଼ିର ସୁବାସ ସେଠୀ ଓ ଡାକରଡ଼ାର ବାବୁଲା ପ୍ରଧାନ, ଆସିକା ଥାନା କେ.ନୂଆଗାଁର ଆଲୋକ ବେହେରା ଓ ମନୋଜ କୁମାର ଗୌଡ଼, ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ଗ୍ରାମର ଡି. କାହ୍ନୁ ଦୋରା, ପାଟପୁର ଥାନା ନୂଆଁଗଡ଼ର ପ୍ରଶାନ୍ତ ମହାନ୍ତି, ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଡୁମୁରି ଗ୍ରାମର ଜୟଲାଲ କର୍ଣ୍ଣ ଏବଂ ବାଲୁଗାଁ ଥାନା ପରିବସରା ଗ୍ରାମର ଶିବୁ ରାଉତରାୟ। ଏନେଇ ବୁଗୁଡ଼ା ଥାନାରେ କେଶ ନଂ.୨୪୫/୨୦ରେ ଏକ ମାମଲା ରୁଜୁ ହୋଇଛି। ବଙ୍କାବାଲିଘାଟରୁ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଶୁକ୍ରବାର ବାଲିପଦର ପୋଲିସ ଚଢାଉ କରିଥିଲା। ଚୋରାଚାଲାଣକାରୀମାନେ ଦୀର୍ଘଦିନ ହେଲା ଉକ୍ତ ବାଲିଘାଟରୁ ବାଲି ନେଇ ମଙ୍ଗଳପୁର ଡିପୋରେ ରଖି ବ୍ୟବସାୟ କରୁଥିଲେ।

### ଲୋକାର୍ପିତ ହେଲା ଭାଜପାର ଇ-ବୁକ୍

ଆସିକା/ବୁଗୁଡା,୩୦।୮(ଡି.ଏନ୍.ଏ.)-କରୋନା ସଂକ୍ରମଣ ପରିସ୍ଥିତିରେ ଭାଜପା ଘୁମୁଷର ସାଙ୍ଗଠନିକ ଜିଲାରେ ଦଳ ପକ୍ଷରୁ କରୋନା ମୁକାବିଲା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପ୍ରସ୍ତୁତ ଇ-ବୁକ୍ ରବିବାର ଡିଜିଟାଲ୍ ପ୍ଲାଟ୍ ଫର୍ମରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। କରୋନା କଟକଣାରେ ଘୁମୁଷର ଜିଲାରେ ଅସହାୟଙ୍କୁ ଖାଦ୍ୟ ବଣ୍ଟନ, ପ୍ରବାସୀ ଶ୍ରମିକଙ୍କୁ ସହାୟତା, ମାସ୍କ ବଣ୍ଟନ ଓ ସାମାଜିକ ଦୂରତା ରକ୍ଷା ନିମନ୍ତେ ସଚେତନତା ସୃଷ୍ଟି ଆଦି ବିଭିନ୍ନ ସେବା ସମ୍ପର୍କରେ ଏହି ଇ-ବୁକ୍‌ରେ ଫଟୋ ଚିତ୍ର ସହ ଉପସ୍ଥାପନ କରାଯାଇଛି। ଘୁମୁଷର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଠକରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ଉପସଭାପତି ଅନିତା ଶୁଭଦର୍ଶିନୀ, ସୂର୍ଯ୍ୟନାରାୟଣ ଦାସ, ସୁରକ୍ଷ ବିଶ୍ୱାଳ, ଭଗବାନ ପଣ୍ଡା, ଦେବାନନ୍ଦ ମହାପାତ୍ର, ନାରାୟଣ ବେହେରା, ରଞ୍ଜନ ପୋଲାଇ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ଥାନାରୁ ଚମ୍ପଟ ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

ଆର୍.ଉଦୟଗିରି,୩୦।୮(ଡି.ଏନ୍.ଏ.) ଆର୍.ଉଦୟଗିରି ପୋଲିସ କାନକଟା ଚେକ୍‌ଗେଟରେ ଗତ ୨୦ ତାରିଖରେ ଗାଡ଼ି ଯାଞ୍ଚବେଳେ ଏକ ପିକ୍‌ଅପ୍ ଭ୍ୟାନରୁ ୧୨ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଅଡ଼ବା ଥାନା ଗୁର୍ଙ୍ଗିମେରା ଗ୍ରାମର କରୁଣା ଗମାଙ୍ଗ, ପୁରୀ ଜିଲା ବ୍ରହ୍ମଗିରି ଥାନା ବେଣ୍ଟପଡ଼ାର ଶରତ ଦେଓ ଏବଂ ପୁରୀ ସଦର ଥାନାର ପ୍ରମୋଦ ମଲିକ। ନଂ.୫୬/୨୦ରେ ଏକ ମାମଲା ରୁଜୁ କରି ୩ ଜଣଙ୍କୁ ଥାନା ହାଜତରେ ରଖାଯାଇଥିଲା। ସେହିଦିନ ରାତି ପ୍ରାୟ ସାଢ଼େ ୧୨ଟାରେ ପ୍ରମୋଦ ଶୌଚାଳୟ ଯାଇଥିଲେ। ଶୌଚାଳୟ ଭେଣ୍ଟିଲେସନ୍ ୱିନ୍‌ଡୋ ଭାଙ୍ଗି ପାଚେରି ଡେ଼ଇଁ ଚମ୍ପଟ ମାରିଥିଲେ। ଘଟଣାର ୧୦ ଦିନ ପରେ ମଧ ତାଙ୍କ ଟେର୍ ପାଉନି ପୋଲିସ। କେବଳ ଅନ୍ଧାରରେ ବାଡ଼ି ବୁଲାଉଛି। ଏ ନେଇ ଆର୍.ଉଦୟଗିରି ଏସ୍‌ଡିପିଓ ଦାୟିତ୍ୱରେ ଥିବା ଅନିଲ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରମୋଦଙ୍କୁ ନେଇଥିବା ଗାଡ଼ିକୁ ଠାବ କରାଯାଇଛି, ଖୁବ୍‌ଶୀଘ୍ର ତାଙ୍କୁ ମଧ ଗିରଫ କରାଯିବ।

# ଦିଗହରା ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମେଶିନ କରୁଛି କାମ

ପାଟପୁର,୩୦।୮

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍ ଆର୍‌ଇଜିଏସ୍)ରେ ଜବ୍‌କାର୍ଡଧାରୀଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କରୋନା ଯୋଗୁ ଗ୍ରାମକୁ ଫେରୁଥିବା ପ୍ରବାସୀଙ୍କୁ ମଧ୍ୟ ଏହି ଯୋଜନାରେ କାମ ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। କିନ୍ତୁ ପ୍ରବାସୀ କାମ ନପାଇ ପୁଣି ନିଜ କର୍ମ ସ୍ଥଳକୁ ଫେରିଯାଉଛନ୍ତି। ସାନଖେମୁଣ୍ଡି ବ୍ଲକର କେତେକ ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ଲକ୍ଷ କରାଯାଇଛି। କେତେଜଣ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଶ୍ରମିକଙ୍କୁ ଅଣଦେଖା କରି ମେଶିନରେ କାମ କରୁଥିବା ଅଭିଯୋଗ ହୋଇଛି। ଏନେଇ ବିଜୁ ଛାତ୍ର ଜନତା ଦଳ ଦକ୍ଷିଣାଞ୍ଚଳ ଜିଲା ସଭାପତି ତଥା ସାହସପୁର ସମିତିସଭ୍ୟ ଏ. ରାଜେଶ ଦୋରା ସାନଖେମୁଣ୍ଡି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରି ଏହାର ତଦନ୍ତ ପାଇଁ ନିବେଦନ କରିଛନ୍ତି।

ସୂଚନା ଯୋଗ୍ୟ ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ୨୬ ପଞ୍ଚାୟତରେ ୮ ହଜାରରୁ ଊର୍ଦ୍ଧ୍ୱ କାର୍ଡଧାରୀ କାମ ନପାଇ ବସି ରହିଛନ୍ତି। ସାନଖେମୁଣ୍ଡି ବ୍ଲକର ୧୦ ହଜାର ରୁ ଊର୍ଦ୍ଧ୍ୱ ପ୍ରବାସୀ ବିଭିନ୍ନ କଳକାରଖାନାରୁ କାମ ନପାଇ ଭିଟାମାଟିକୁ ଫେରି ହାତ ବାନ୍ଧି ବସିଛନ୍ତି। ଏବେ ପୁଣି କର୍ମସ୍ଥଳକୁ ଫେରିଲେଣି। ସାନଖେମୁଣ୍ଡି ବ୍ଲକ ସାହସପୁର ପଞ୍ଚାୟତ ହାଟପଦା ଗ୍ରାମ ନିକଟ କାଙ୍କାରା ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଲୋକଙ୍କ ଦ୍ୱାରା କରା ନଯାଇ ମେଶିନ ସାହାଯ୍ୟରେ ହେଉଛି। ଏ ସମ୍ପର୍କରେ ବିଡ଼ିଓ ଗାୟତ୍ରୀଦତ୍ତ ନାୟକ କହିଛନ୍ତି, ମେଶିନ ଯେଉଁ କାମ କରୁଥିଲା ସେହି କାମ ଲୋକ କରିବା ସମ୍ଭବ ନଥିଲା। ଆଗାମୀ ଦିନରେ ପ୍ରବାସୀ ଶ୍ରମିକ ମାନେ ହିଁ କାମ କରିବେ। ଅନ୍ୟପକ୍ଷରେ ଜବକାର୍ଡଧାରୀଙ୍କୁ ଉପେକ୍ଷା କରି ଅର୍ଥ ଆତ୍ମସାତ କରୁଥିବା ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଭିଟାମାଟି ଛାଡି ଆନ୍ଧ୍ର ଅଭିମୁଖେ ଶ୍ରମିକ



ବସ୍‌ରେ ଯାତ୍ରା କରୁଛନ୍ତି ଶ୍ରମିକ।

ପୋଲସରା,୩୦।୮(ଡି.ଏନ.ଏ)

କରୋନା ଯୋଗୁ କାମଧନ୍ଦା ନ ପାଇ ବାହାର ରାଜ୍ୟରୁ ଭିଟାମାଟିକୁ ଫେରିଥିଲେ ପୋଲସରା ଅଞ୍ଚଳର ହଜାର ହଜାର ଶ୍ରମିକ। ସଙ୍ଗରୋଧ ଗୃହରୁ ଫେରିବା ପରେ ପ୍ରବାସୀମାନଙ୍କୁ ଦୁଇ ହଜାର ଟଙ୍କା ଦେବା ଲାଗି ଘୋଷଣା କରିବା ସହ ନିଜ ନିଜ ଅଞ୍ଚଳରେ ବିଭିନ୍ନ ଯୋଜନାରେ କାମଧନ୍ଦା ଦିଆଯିବ ବୋଲି କହିଥିଲେ। କିନ୍ତୁ ଘୋଷଣା ଘୋଷଣାରେ ସୀମିତ ରହିଗଲା। ଲୋକଙ୍କୁ ସହାୟତା ରାଶି ମଧ୍ୟ ମିଳିଲା ନାହିଁ। ଫଳରେ ଶ୍ରମିକମାନେ ପୁଣି ଫେରିବା ଆରମ୍ଭ କଲେଣି। ପୋଲସରା ବ୍ଲକ ଡୁଙ୍କାପଡ଼ା ଗ୍ରାମରୁ ଶନିବାର ଏକ ସ୍ୱତନ୍ତ୍ର ବସ ଯୋଗେ ଶ୍ରମିକମାନେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଅଭିମୁଖେ ଯାତ୍ରା କରିଛନ୍ତି। ବାଲିଛାଇ ଗ୍ରାମରୁ ୧୦, ଡୁଙ୍କାପଡ଼ା ଗ୍ରାମରୁ ୨୬ ଓ ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ ଶ୍ରମିକ ଯାଇଛନ୍ତି।

# ଗଞ୍ଜାମରେ କରୋନା ସ୍ଥିତିରେ ସୁଧାର ଆସିଛି

ଛତ୍ରପୁର,୩୦।୮(ଡି.ଏନ.ଏ)

- ଟୁଇଟ୍ କରି ସୂଚନା ଦେଲେ ମୁଖ୍ୟମନ୍ତ୍ରୀ
- ୯୦% ସୁସ୍ଥ ହେଲେଣି

ଗଞ୍ଜାମ ଜିଲାରେ କରୋନା ସ୍ଥିତିରେ ବହୁ ମାତ୍ରାରେ ସୁଧାର ଆସିଛି । ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଜିଲାରେ ଲୋକଙ୍କ ସ୍କ୍ରିନିଂ, ଟେଷ୍ଟ ବୃଦ୍ଧି, ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ ସହ କରୋନାରୁ ଆରୋଗ୍ୟଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ଏହା ସମ୍ଭବ ହୋଇପାରିଥିବା ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି। ଟୁଇଟ୍‌ରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ବହୁ ଦିନ ଧରି କରୋନା ସଂକ୍ରମଣ ନେଇ ରାଜ୍ୟରେ ଗଞ୍ଜାମ ଜିଲା ହଟସ୍ପଟରେ ଥିଲା । ଏବେ ଜିଲାରେ କରୋନା ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟା କମିବାରେ ଲାଗିଛି । ଅନ୍ୟପକ୍ଷରେ ଜିଲାରେ ୯୦ ପ୍ରତିଶତ କରୋନାରୁ ସୁସ୍ଥ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ଜଣାଇଛନ୍ତି ଯେ, ଜିଲାରେ କରୋନାରୁ ଆରୋଗ୍ୟ ହେଉଥିବା ଲୋକଙ୍କ ଘରକୁ ଘର ଯାଇ ସ୍କ୍ରିନିଂ ଚାଲିଛି। ଏ ପର୍ଯ୍ୟନ୍ତ ୧୧,୪୪୩ ଜଣଙ୍କ ଏହି ସ୍କ୍ରିନିଂ କରାଗଲାଣି । ସେଥିମଧ୍ୟରୁ ୪୮ ଜଣଙ୍କୁ ମେଡିକାଲ ସେବା ଯୋଗାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୪୯୪ ପ୍ଲାଜ୍‌ମା ଦାତା ଚିହ୍ନଟ ହୋଇଛନ୍ତି। ଜିଲାରେ ଆଉ ୨୧୬ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୧୭ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୭,୬୬୪ରେ ପହଞ୍ଚିଛି। ସେଥିରୁ ୧୫,୮୮୩ ଜଣ ସୁସ୍ଥ ହୋଇଛନ୍ତି। ଏବେ ୧୫୯୨ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି । ୧୮୯ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଶନିବାର ଗୋଟିଏ ଦିନରେ ଜିଲାରେ ୧୧,୪୫୫ ଜଣଙ୍କ କରୋନା ଟେଷ୍ଟ ହୋଇଛି । ଏବେ ସୁଦ୍ଧା ଜିଲାରେ ୨ ଲକ୍ଷ ୩୯ ହଜାର ୯୬୮ ଟେଷ୍ଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

# ୧୨ତୋଳା ଗହଣା, ଦେଢ଼ଲକ୍ଷ ଲୁଟ୍

ବ୍ରହ୍ମପୁର ଅଫିସ,୩୦।୮

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ନିମଖଣ୍ଡି ଗ୍ରାମରେ ଏକ ବଡଧରଣର ଡକାୟତି ହୋଇଛି। ଶନିବାର ବିଳମ୍ବିତ ରାତିରେ ୪ ଡକାୟତ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଘରେ ପଶି ଲୁଟ କରି ଚମ୍ପଟ ମାରିଛନ୍ତି। ଦୁର୍ବୃତ୍ତମାନେ ପ୍ରାୟ ୧୨ତୋଳା ସୁନା ଅଳଙ୍କାର ସହ ନଗଦ ୧ଲକ୍ଷ ୫୨ହଜାର ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଗହଣା ଲୁଟ ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ଶତପଥୀଙ୍କ ସ୍ତ୍ରୀ ବାସନ୍ତୀଙ୍କ ଗଳା କଟି ଯାଇଛି। ରବିବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତପଥୀ ନିମଖଣ୍ଡି ମହାନ୍ତି ସାହିରେ ରହୁଛନ୍ତି। ଶନିବାର ରାତିରେ ସ୍ତ୍ରୀଙ୍କ ସହିତ ତଳ ମହଲାରେ ଶୋଇଥିଲେ। ଦୁଇପୁଅ ଉପର ମହଲାରେ ଥିବା ଦୁଇଟି କୋଠରିରେ


ଦୁର୍ବୃତ୍ତ ଆଲମିରା ଭାଙ୍ଗି ଲୁଟ୍ କରିଛନ୍ତି।

ଶୋଇଥିଲେ। ବିଳମ୍ବିତ ରାତିରେ ୪ ମୁଖାପିନ୍ଧା ଡକାୟତ ଶତପଥୀଙ୍କ ଘର ବାରିପଟ ଦେଇ ଭିତରକୁ ପ୍ରବେଶ କରିଥିଲେ। ସେମାନେ ପ୍ରଥମେ ଖଣ୍ଡା ଦେଖାଇ ପଞ୍ଚାନନ ଓ ସ୍ତ୍ରୀ ବାସନ୍ତୀଙ୍କୁ କାବୁ କରି ନେଇଥିଲେ। ଏହାପରେ ଜଣେ ଡକାୟତ ଉପର ମହଲାକୁ ଯାଇ ଦୁଇପୁଅ ଶୋଇଥିବା କୋଠରିକୁ ବାହାରପଟୁ ଗେଟ୍ ପକାଇ ବନ୍ଦକରି ଦେଇଥିଲା। ଫଳରେ ସେମାନେ ବାହାରକୁ ବାହାରି ପାରି ନ ଥିଲେ। ଡକାୟତମାନେ ବାସନ୍ତୀଙ୍କ କାନଫୁଲ ଓ ସୁନା ମାଳି ଛିଣ୍ଡାଇ ଦେଇଥିଲେ। ଫଳରେ ତାଙ୍କର କାନ ଛିଣ୍ଡି ଯାଇଥିବା ବେଳେ ବେକରେ ମଧ ଆଘାତ ଲାଗିଛି। ଡକାୟତମାନେ ଆଲ୍‌ମିରା ଭାଙ୍ଗି ସମସ୍ତ ସୁନା ଗହଣା ଓ ଟଙ୍କା ନେଇ ଯାଇଥିଲେ। ରବିବାର ସକାଳେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶତପଥୀ ଏବଂ ତାଙ୍କ ସ୍ତ୍ରୀଙ୍କ ବୟାନ ରେକର୍ଡ କରିଛି। ଶତପଥୀଙ୍କ ଘର ସମ୍ମୁଖରେ ସିସି କ୍ୟାମେରା ଲାଗିଥିବାରୁ ଡକାୟତମାନେ ବାରିପଟ ଦେଇ ଆସିଥିବା ପୁଲିସ ସନ୍ଦେହ କରୁଛି। ସେପଟେ ଡକାୟତମାନେ ଘଟଣାସ୍ଥଳରେ ଏକ ଗାମୁଛା ଛାଡି ଚାଲି ଯାଇଛନ୍ତି। ପୁଲିସ ସେହି ଗାମୁଛା ଜବତ କରି ତଦନ୍ତ ଜାରି ରଖିଛି।

## ଜେଇଇ ପରୀକ୍ଷାର୍ଥୀଙ୍କ ପାଇଁ ସୁବିଧା କଲା ପ୍ରଶାସନ

ଛତ୍ରପୁର,୩୦।୮(ଡି.ଏନ୍.ଏ.)

ଜେଇଇ ପରୀକ୍ଷାର୍ଥୀଙ୍କ ରହିବା, ପରୀକ୍ଷା କେନ୍ଦ୍ରକୁ ଯାତାୟାତ ଆଦି ସମସ୍ତ ସୁବିଧା କରାଯାଇଥିବା ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଟୁଇଟ କରି ସୂଚନା ଦେଇଛନ୍ତି। ଶୀତଳାପଲ୍ଲୀସ୍ଥିତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ଓ ଖଲ୍ଲିକୋଟ କଲେଜ ଅଞ୍ଚଳରେ ଥିବା ଆଇଓଏନ ଡିଜିଟାଲ ଜୋନ (ଆଇଜେଡ) କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ବ୍ରହ୍ମପୁର ଆଇଟିଆଇରେ ରହିବା ବ୍ୟବସ୍ଥା କରାଯାଇଛି। ସେହିପରି ଗୋଳନ୍ଥରାସ୍ଥିତ ଆଇଓଏନ ଡିଜିଟାଲ ଜୋନ (ଆଇଡିଜେଡ) ଓ ଭିଗନାନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଏମଏସି ସେଣ୍ଟରରେ ପରୀକ୍ଷା ଦେବାକୁ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ପାଲୁରହିଲସ୍ଥିତ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟରେ ରହିବା ସୁବିଧା କରାଯାଇଛି। ଏଥିସହ ବ୍ରହ୍ମପୁର, ଗୋପାଳପୁର ଓ ହଳଦିଆପଦରଠାରେ ଥିବା ୧୫ଟି ହୋଟେଲରେ ସାଧାରଣ ଭଡ଼ା ଦେଇ ପରୀକ୍ଷାର୍ଥୀ ଯେଭଳି ରହିବେ ସେ ନେଇ ବ୍ୟବସ୍ଥା ହୋଇଛି। ଭୁବନେଶ୍ୱରଠାରେ ଜେଇଇ ପରୀକ୍ଷା ଦେବାକୁ ଯିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବସ ସୁବିଧା କରାଯାଇଛି । ଏହି ବସ ୩୧ ତାରିଖ ମଧ୍ୟାହ୍ନ ୧୨ଟା ୩୦ରେ ବ୍ରହ୍ମପୁର ଆଇଟିଆଇରୁ ଛାଡିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି ।

# ଗଜପତିରେ ୨୬୩୭ ସୁସ୍ଥ ହେଲେଣି

ପାରଳାଖେମୁଣ୍ଡି, ୩୦।୮(ସ୍ୱ.ପ୍ର.)

**ଆଉ ୯ କରୋନା ଆକ୍ରାନ୍ତ ଚିହ୍ନଟ**

ଗଜପତି ଜିଲାରେ ଆଉ ୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ରବିବାର ସୂଚନା ମିଳିଛି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୮୩୮ରେ ପହଞ୍ଚିଛି । ଅନ୍ୟପକ୍ଷରେ ଜିଲାରେ ଏ ପର୍ଯ୍ୟନ୍ତ ମୋଟ ୨,୬୩୭ ଆକ୍ରାନ୍ତ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି। ଜିଲା ପ୍ରଶାସନ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ଗଜପତିକୁ ବାହାର ରାଜ୍ୟରୁ ମୋଟ ପ୍ରବାସୀ ୧୫,୮୦୯ ଫେରିଛନ୍ତି। ଜିଲାରେ ମୋଟ ୧୫ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ବର୍ତ୍ତମାନ ୨୧୫ ଜଣ ସଙ୍ଗରୋଧ କେନ୍ଦ୍ର ରହିଥିବାବେଳେ ୯୬ ଜଣ ନିଜ ଘରେ ସଙ୍ଗରୋଧରେ ଅଛନ୍ତି । ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୫,୫୯୪ ଜଣ ଘରକୁ ଫେରିଲେଣି। ଜିଲାରେ ମୋଟ ୨୪,୧୪୯ ଜଣଙ୍କର ସ୍ୱାବ ପରୀକ୍ଷା ପାଇଁ ସଂଗ୍ରହ ହୋଇଛି । ସେଥିମଧ୍ୟରୁ ୨୩,୬୮୨ ଜଣଙ୍କର ରିପୋର୍ଟ ମିଳିଛି। ୧୯ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ଘଟଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ରବିବାର ଚିହ୍ନଟ ୯ ଆକ୍ରାନ୍ତଙ୍କ ମଧ୍ୟରୁ ଗୁମ୍ମା ବ୍ଲକରୁ ୩ଜଣ, ରାୟଗଡ ବ୍ଲକରୁ ୨ ଜଣ, ଗୋଷାଣୀ, କାଶୀନଗର, ମୋହନା ଓ ପାରଳାଖେମୁଣ୍ଡି ପୌରାଞ୍ଚଳରୁ ଜଣେ ଲେଖାଏ ଅଛନ୍ତି। ଏମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚବେଳେ ୮ଜଣ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଜଣେ ଚିହ୍ନଟ ହୋଇଥିବା ସୂଚନା ମିଳିଛି ।

# ଅସରାଏ ବର୍ଷା, ରାସ୍ତାରେ ଆଣ୍ଠୁଏ ପାଣି

ବୁଗୁଡା,୩୦।୮(ଡି.ଏନ.ଏ)

ବୁଗୁଡା ବ୍ଲକ ଗୌଡିଆବୋରଦା ପଞ୍ଚାୟତ କୁଞ୍ଜବନ ଗ୍ରାମର ରାସ୍ତା ଖାଲଖମା ଯୋଗୁ ବର୍ଷା ହେଲେ ପାଣି ଜମି କେନାଲର ଭ୍ରମ ସୃଷ୍ଟି କରୁଛି। ୩ ବର୍ଷ ହେଲା ଗୌଡିଆବୋରଦା-କୁଞ୍ଜବନ ଗ୍ରାମ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରୁଥିଲେ ମଧ କହି ଶୁଣୁ ନ ଥିବା କହିଛନ୍ତି ଲୋକେ। ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ ସହ ରୋଗୀ, ଛାତ୍ରୀଛାତ୍ରମାନଙ୍କ ଯିବା ଆସିବାରେ ବହୁ ଅସୁବିଧା ହେଉଛି। ଯୁଦ୍ଧକାଳିନ


ବିପର୍ଯ୍ୟସ୍ତ ରାସ୍ତା।

ଭିତ୍ତିରେ ଏହାକୁ ନିର୍ମାଣ କରିବାକୁ ଦାବି ହେଉଛି। ଏନେଇ ସରପଞ୍ଚ ବାବୁଲି ବେହେରାଙ୍କୁ ଫୋନ କଲେ କୌଣସି ଉତ୍ତର ମିଳୁନଥିବା ବେଳେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ବର୍ତ୍ତମାନ ଦାୟିତ୍ୱ ନେଇଛନ୍ତି ଏବଂ ଏହାର ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ।

## ଫୁଲସୁନ୍ଦରୀଙ୍କ ବାର୍ଷିକ ଯାତ୍ରା ଶୁଭାରମ୍ଭ

ଦିଗପହଣ୍ଡି,୩୦।୮(ଡି.ଏନ୍.ଏ.)

ଦିଗପହଣ୍ଡିରେ ବିଜେ ମା' ଫୁଲସୁନ୍ଦରୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ମହୋତ୍ସବ ଶୁଭାରମ୍ଭ ହୋଇଛି। କରୋନା କଟକଣା ଯୋଗୁ ବିଧି ପରମ୍ପରା ରକ୍ଷା ପୂର୍ବକ ମନ୍ଦିର ପରିସରରେ ଯାତ୍ରା ସୀମିତ ରଖାଯାଇଥିଲା। ରବିବାର ସକାଳୁ ମା' ଫୁଲସୁନ୍ଦରୀଙ୍କ ଷୋଡଶ ଉପଚାର ପୂଜା କରାଯାଇ ଯାତ୍ରା ଶୁଭାରମ୍ଭ ହୋଇଥିବା ବେଳେ ସନ୍ଧ୍ୟାରେ ହୋମାଗ୍ନି ଆଦି


ମନ୍ଦିର ଆସ୍ଥାନରେ ପୂଜାପାଉଛନ୍ତି ମା' ଫୁଲସୁନ୍ଦରୀ।

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ଶଙ୍କର ପାତ୍ର କର୍ତ୍ତା ହୋଇଥିଲେ। ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାକୁ ଏନ୍‌ଏସି ପୂର୍ବତନ ଉପାଧକ୍ଷ ପ୍ରଦୀପ୍ତ ପଟ୍ଟନାୟକ ପରିଚାଳନା କରୁଥିବା ବେଳେ ଶିବଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ପବିତ୍ର ବେହେରା, କାହ୍ନୁ ଚରଣ ପଟ୍ଟନାୟକ, ଦେବାଶିଷ ସାହୁ, କମଳକାନ୍ତ ବେହେରା, ବାବୁ ପାଣିଗ୍ରାହୀ, ନରସିଂହ ବେହେରା, ସୁଦର୍ଶନ ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଦର୍ଶନାର୍ଥୀଙ୍କ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ସାନଭାଇଙ୍କୁ ଦେଖିବାକୁ ଆସି ବଡ଼ଙ୍କ ମୃତ୍ୟୁ

ଖଜୁରିପଡ଼ା/ବଲସକୁମ୍ପା,୩୦।୮(ଡି.ଏନ୍.ଏ.)

ମେଡିକାଲରେ ଥିବା ସାନଭାଇକୁ ଦେଖିବାକୁ ଆସି ବଡଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚକାପାଦ ବ୍ଲକ ବପଲମେଣ୍ଡି ପଞ୍ଚାୟତ ବପଲମେଣ୍ଡି ଗ୍ରାମର ସଭାଜନ ମଲ୍ଲିକ (୫୦)। ସଭାଜନଙ୍କ ସାନଭାଇ ଖଜୁରିପଡ଼ା ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେ ତାଙ୍କୁ ଦେଖିବାକୁ ଆସିଥିବାବେଳେ ଖଜୁରିପଡ଼ା ପଞ୍ଚାୟତ ଡ଼ଙ୍ଗୀ ସାହିକୁ ଯାଇଥିବା ବେଳେ ଏକ ନାଳ ପାଖରେ ପଡ଼ି ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ ଅଟଳ ସନ୍ଦେହରେ ଖଜୁରିପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ନଂ.୧୭/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଏଏସଆଇ ଉଦ୍ଧବ କୁମାର ଜାନି ସୂଚନା ଦେଇଛନ୍ତି।

## କରୋନାକୁ ହରାଇ କାର୍ଯ୍ୟରେ ଯୋଗଦେଲେ ଯବାନ

ଫିରିଙ୍ଗିଆ, ୩୦।୮

ଫିରିଙ୍ଗିଆ ଠାରେ କାର୍ଯ୍ୟରତ ୪ ଆଇଆର୍‌ବି ଯବାନ କରୋନା ସଂକ୍ରମିତ ହୋଇଥିଲେ। ସେମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରା ଯାଇଥିଲା। ଏବେ ସେମାନେ କୋରାନକୁ ହରାଇ ସୁସ୍ଥ ହୋଇ ଶନିବାର ପୁଣି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ୪ କରୋନା ଯୋଦ୍ଧାଙ୍କୁ ଫିରିଙ୍ଗିଆ ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ ଓ ଅନ୍ୟ କର୍ମଚାରୀ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

## ଭୋଜି ବନ୍ଦ କଲେ ତହସିଲଦାର

ଶେରଗଡ,୩୦।୮(ଡି.ଏନ୍.ଏ.)

ତହସିଲଦାର ଡ. ଦୟାସିନ୍ଧୁ ପରିଡା ରବିବାର ସଦଳବଳ ପିଉଳ ସମେତ ବିଭିନ୍ନ ଗ୍ରାମ ପରିଦର୍ଶନ କରି କୁଲାଗଡ-ଖିରିଡା ରାସ୍ତାରେ ଶଟ୍‌ଡାଉନ ସ୍ଥିତି ଅନୁଧ୍ୟାନ କରୁଥିଲେ। ହାଡିରା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଦଶାହ ଭୋଜି ରନ୍ଧା ଯାଉଥିବା ଦେଖି ବନ୍ଦ କରିବା ସହ ଭୋଜି କରୁଥିବା ବ୍ୟକ୍ତିଙ୍କ ଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ତହସିଲଦାର ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବରଗାଁରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ଆସିକା,୩୦।୮(ଡି.ଏନ୍.ଏ.)

**ବଢୁଛି ସଂକ୍ରମଣ, ସତର୍କ ସୂଚନା ଜାରି**

ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ଏହି ବ୍ଲକର ବରଗାଁ ପଞ୍ଚାୟତର ବରଗାଁ ଗ୍ରାମରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପ୍ରଶାସନର ଚିନ୍ତା ବଢ଼ିଛି। ଗତ ୪ଦିନ ମଧ୍ୟରେ ହୋଇଥିବା କରୋନା ଟେଷ୍ଟରେ ଏହି ଗ୍ରାମର ସଂକ୍ରମିତଙ୍କ ସଂଖ୍ୟା ରୀତିମତ ବୃଦ୍ଧି ପାଇ ବର୍ତ୍ତମାନ ୧୯ରେ ପହଞ୍ଚିଛି। ସମ୍ପୃକ୍ତ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ନିମନ୍ତେ ପ୍ରସ୍ତାବ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ବ୍ଲକ୍ ପ୍ରଶାସନ ପଠାଇଥିବା ବିଡିଓ ରୋସନ୍ ଶତପଥୀ ସୂଚନା ଦେଇଛନ୍ତି। ଅପରପକ୍ଷେ ରବିବାର ଅପରାହ୍ନରେ ସମ୍ପୃକ୍ତ ଗ୍ରାମରେ ଏକ ପ୍ଲାଟୁନ୍ ସଶସ୍ତ୍ର ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିଥିଲାବେଳେ ଆସିକା ତହସିଲଦାର୍ ସଦାନନ୍ଦ ସେଠୀ, ବିଡିଓ ଶତପଥୀ, ଓଏସ୍‌ଡି ଭୂପିନ୍ଦର ସିଂ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ସମିତିସଭ୍ୟ ଶିବ ନାହାକ କଣ୍ଟେନମେଣ୍ଟ ଜୋନ୍ ସମ୍ପର୍କରେ ରହିଥିବା ବିଧିବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କୁ ସତର୍କ ସୂଚନା ଜାରି କରିଥିଲେ। ସମ୍ପୃକ୍ତ ଗ୍ରାମରେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣ ଘରୁ ନବାହାର, ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା କରିବା, ବାହାର ଗ୍ରାମ ଲୋକଙ୍କୁ ଏହି ଗ୍ରାମରେ ପ୍ରବେଶ ଉପରେ କଟକଣା କଡାକଡି ଭାବେ ପାଳନ କରିବା ଆଦି ସୂଚନା ଦିଆଯାଇଥିବା ତହସିଲଦାର ସେଠୀ ପ୍ରକାଶ କରିଛନ୍ତି।


ଫ୍ଲାଗ ମାର୍ଚ୍ଚ ଚାଲିଛି ।

## ସ୍ୱତନ୍ତ୍ର ଗାଡ଼ିରେ ଗଲେ ଜେଇଇ ପରୀକ୍ଷାର୍ଥୀ

ପାରଳାଖେମୁଣ୍ଡି,୩୦।୮(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରୁ ରବିବାର ସକାଳେ ଜେଇଇ ପରୀକ୍ଷାର୍ଥୀମାନେ ଏକ ସ୍ୱତନ୍ତ୍ର ଗାଡିରେ ବ୍ରହ୍ମପୁର ଓ ଭୁବନେଶ୍ୱର ଅଭିମୁଖେ ଯାଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ଗାଡ଼ିରେ ୭ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଯାଇଛନ୍ତି। ଛାତ୍ରଛାତ୍ରୀଙ୍କୁ ଜିଲା ପ୍ରଶାସନ ତରଫରୁ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସରୋଜ କୁମାର ବେହେରା, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ, ଯାନବାହାନ ନିରୀକ୍ଷକ ବସନ୍ତ କୁମାର ମହାପାତ୍ର, ଜେଇଇ ଓ ଏନ୍‌ଇଇଟିର ନୋଡାଲ ଅଧିକାରୀ ଗଦାଧର ମହାରଣା ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ । ଆଗକୁ ମଧ ପରୀକ୍ଷାର୍ଥୀମାନଙ୍କୁ ନେବା ନିମନ୍ତେ ସମସ୍ତ ବ୍ୟବସ୍ଥା ହୋଇ ସାରିଛି ବୋଲି ଜିଲା ମଙ୍ଗଳ ଅଧିକାରୀ ରଥ ସୂଚନା ଦେଇଛନ୍ତି।

